# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରଯୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ପୁନରୁଥାନର ପଞ୍ଚାଶ ଦିନ ପରେ, ସେହି ପବିତ୍ର ଆତ୍ମା ତାଙ୍କ ଶିଶ୍ୟମାନଙ୍କ ସହିତ ରହିବାକୁ ଆସିଲା । ଅଥବା ଶିଶ୍ୟମାନେ ପିତା ଈଶ୍ୱର ପୁତ୍ର ଈଶ୍ୱର (ଯୀଶୁ) ଏବଂ ପବତ୍ର ଆତ୍ମା ପରମେଶ୍ୱର ସେ ସମସ୍ତେ କିପରି ଏକ ଅଟନ୍ତି, ସେମାନେ ପରମେଶ୍ୱରଙ୍କୁ ସେମାନଙ୍କ ସହିତରେ ପାଇ ଆନନ୍ଦିତ ଥିଲେ । ସଦାପ୍ରଭୁ ମହତ୍ ବିଷୟ ଗୁଡ଼ିକ ଦ୍ୱାରା ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟ କହିବାରେ ଶିଶ୍ୟମାନଙ୍କୁ ସାହାଯ୍ୟ କଲେ ।



ଲୋକମାନେ ଯେଉଁମାନେ ଯୀଶୁଙ୍କ ଉପରେ ବିଶ୍ୱାସ କଲେ
ସେମାନେ ନିଜର ସମସ୍ତ ସଂପତ୍ତି ସର୍ବସାଧାରଣରେ
ବାଣ୍ଟିଲେ ଯାହାଦ୍ୱାରା ଗରିବ ଲୋକମାନଙ୍କୁ ଯତ୍ନ
କରାଯାଇ ପାରିବ । କିନ୍ତୁ ଗୋଟିଏ ପରିବାରର
ସ୍ୱାମୀ ସ୍ତ୍ରୀ ଦୁହେଁ ହନନୀୟ ଓ ସଫିରା
ବେଇମାନ୍ ଥିଲେ । ସେମାନେ କିଛି
ଜମି ବିକ୍ରୟ କରି ତହିଁର ସମସ୍ତ
ମୂଲ୍ୟ ପ୍ରେରିତମାନଙ୍କ
ନିକଟକୁ ଆଣିଥିବା
ଅଭିନୟ କଲେ । ଗୁପ୍ତ
ଭାବରେ ସେମାନେ
କିଛି ଅଂଶ ନିଜପାଇଁ
ଲୁଚାଇ ରଖିଲେ ।



ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଶୟତାନ କାହିଁକି ତୁମ୍ଭ ହୃଦୟ ସଂପୂର୍ଣ୍ଣ ଅଧିକାର କରିଅଛି ..., ପିତର ହନନୀୟଙ୍କୁ କହିଲେ । ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ ମାତ୍ର ଇଶ୍ୱରଙ୍କ ନିକଟରେ ମିଥ୍ୟା କହିଲ । ତାହାପରେ ହନନୀୟ କଛାଡ଼ି ହୋଇ ପଡ଼ି ପ୍ରାଣତ୍ୟାଗ କଲା । ଆଉ ଯୁବକମାନେ ଉଠି ତାହାକୁ ଲୁଗାରେ ଗୁଡ଼ାଇ ବାହାରକୁ ଘେନଯାଇ ସମାଧି ଦେଲେ ।



କିଛି ସମୟ ପରେ, ସଫିରା ଆସିଲା, କିନ୍ତୁ ତାଙ୍କ ସ୍ୱାମି ଯେ ମୃତ ତାହା ସେ ଜାଣି ନ ଥିଲା । ସେ ମଧ୍ୟ ଟଙ୍କା ବିଷୟରେ ମିଥ୍ୟା କହିଲା ଏବଂ ତାଙ୍କ ନିମନ୍ତେ ମଧ୍ୟ ସେହିପରି ହେଲା । ସେଥିରେ ଯେତେଲୋକ ଏହା ଶୁଣିଲେ ସମସ୍ତେ ଅତିଶୟ ଭୟଭିତ ହେଲେ ।



ପବିତ୍ର ଆତ୍ମା ପରମେଶ୍ୱର

ପ୍ରେରିତମାନଙ୍କ ଦ୍ୱାରା

ଅନେକ ମହତ୍ କାର୍ଯ୍ୟ

ସାଧନ କଲେ ।

ଉଦାହରଣରେ,

ପିତରଙ୍କ ଛାୟା ରୋଗି

ମାନଙ୍କ ଉପରେ ପଡ଼ିଲେ

ସେମାନେ ସୁସ୍ଥତା ପାଇଲେ ।



ଏହା ଏକ ସମୟ ଯେତେବେଳେ
ମହା ଆଶ୍ଚର୍ଯ୍ୟ କର୍ମମାନ
ଦେଖାଗଲା, ଯାହା
ଇଶ୍ୱରଙ୍କ ଉପସ୍ଥିତ
ବର୍ଣ୍ଣନା କଲା । ଅଧିକରୁ
ଅଧିକ ଲୋକ ଯୀଶୁଙ୍କ
ଉପରେ ବିଶ୍ୱାସ କଲେ ।



ଏହା ମହାଯାଜକଙ୍କୁ କ୍ରୋଧିତ
କଲା ସେ ପ୍ରେରତ ମାନଙ୍କୁ ଧରି
କାରାଗାରରେ ରଖିଲେ !



କିନ୍ତୁ ରାତ୍ରୀକାଳରେ ପ୍ରଭୁଙ୍କର
ଜଣେ ଦୂତ କାରାଗାରର
ଦ୍ୱାରସବୁ ଫିଟାଇ ଦେଇ
ସେମାନଙ୍କୁ ବାହାରକୁ ଆଣି
କହିଲେ, ଯାଅ, ମନ୍ଦିରରେ ଠିଆହୋଇ ଲୋକମାନଙ୍କୁ ଏହି ଜୀବନ ସମ୍ବନ୍ଧୀୟ କଥା କୁହ ।
ପ୍ରେରତମାନେ ବାହାରକୁ ଯାଇ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବାକୁ ଲାଗିଲେ । ପ୍ରଭାତ ସମୟରେ ମହାଯାଜକଙ୍କ ଦାସମାନେ ଆସି କାରାଗାରକୁ ଶୂନ୍ୟ ଦେଖିଲେ ।

ଯେତେବେଳେ ସେ ସେମାନଙ୍କୁ ପାଇଲେ, ମହାଯାଜକ ପ୍ରେରିତମାନଙ୍କୁ ପଚ଼ାରିଲେ, ଆମ୍ଭେ କି ତୁମ୍ଭମାନଙ୍କୁ ଏହି ନାମରେ ଶିକ୍ଷା ଦେବାରେ ଅତି ଦୃଢ଼ରୁପେ ନିଷେଧ କରିନଥିଲୁ । ପିତର ଓ ଅନ୍ୟ ପ୍ରେରିତମାନେ କହିଲେ, ଆମ୍ଭେ ମନୁଷ୍ୟମାନଙ୍କର ଆଜ୍ଞା ଅପେକ୍ଷା ବରଂ ଇଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ । ମହାଯାଜକ ପ୍ରଚ଼ଣ୍ଡ କ୍ରୋଧ କଲେ, ସେ ପ୍ରେରିତମାନଙ୍କୁ ବଧ କରିବାକୁ ଉଦ୍ୟତ ହେଲେ । ତାହା ବଦଳରେ ସେ ସେମାନଙ୍କୁ ପ୍ରହାର କଲେ ଓ ଛାଡ଼ିଦେଲେ ।

ସେମାନଙ୍କର ବ୍ୟଥା ସତ୍ୱେ, ପ୍ରେରିତମାନେ ସଦାପ୍ରଭୁଙ୍କ ବାଧ୍ୟ ହେଲେ ଏବଂ ସୁସମାଚ଼ାର ପ୍ରଚ଼ାର କରିବାରେ କ୍ଷାନ୍ତ ହେଲେ ନାହିଁ ।



ଦିନକରେ, ଏକ ଲୋକ ଯାହାକୁ ଷ୍ଟିଫାନ କୁହାଯାଉଥିଲା ସେମାନେ ତାହାଙ୍କୁ ଧରିଲେ । ଷ୍ଟିଫାନ ଯୀଶୁଙ୍କୁ ଭୟ କରୁଥିଲେ । ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିବାକୁ ପବିତ୍ର ଆତ୍ମା ତାହାଙ୍କୁ ବ୍ୟବହାର କଲା । କେତେ ଲୋକ ମିଥ୍ୟା କହିଲେ, ଏହି ଲୋକଟା ଏହି ପବିତ୍ର ସ୍ଥାନ ବିଷୟରେ କହିବାକୁ କ୍ଷାନ୍ତ ହେଉନାହିଁ ।



ପରିହାସାତ୍ମକ ବିଚାର ପରେ, ଷ୍ଟିଫାନଙ୍କ ବିଶ୍ୱାସ ଯୀଶୁଙ୍କ ଉପରେ ଥିବାହେତୁ ସେମାନେ ତାଙ୍କୁ ପ୍ରସ୍ତରାଘାତ କରି ବଧ କଲେ ।

ତାଙ୍କ ମୃତୁ ପୂର୍ବରୁ, ସ୍ତିଫାନ, ପବିତ୍ର ଆତ୍ମାରେ

ପୂର୍ଣ୍ଣହୋଇ, ସ୍ୱର୍ଗପ୍ରତି ସ୍ଥିର ଦୃଷ୍ଟିରେ ଚ଼ାହିଁଲେ

ଆଉ ଇଶ୍ୱରଙ୍କ ସହିମା ଓ ଯୀଶୁଙ୍କୁ

ଇଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ

ହୋଇଥିବା ଦେଖି କହିଲେ,

ଯେତେବେଳେ ସେମାନେ

ସ୍ତିଫାନଙ୍କୁ ପଥର

ଫୋପାଡ଼ି ମାରୁଥିଲେ

ସେତେବେଳେ ସେ

ପ୍ରାର୍ଥନା କରି କହିଲେ

ହେ ପ୍ରଭୁଯୀଶୁ ମୋର

ଆତ୍ମା ଗ୍ରହଣ କର ।



ତାହା ପରେ, ଯୀଶୁ ଯେପରି କ୍ରୁଶରେ ଥିବା
ସମୟରେ, ସେହିପରି ସେହି ସାହସୀ
ଲୋକ ନିଜର ଶେଷ ସମୟରେ
ନିଜ ଶତ୍ରୁମାନଙ୍କ ନିମନ୍ତେ
ପ୍ରାର୍ଥନା କଲେ ଯେପରି
ଈଶ୍ୱର ସେମାନଙ୍କର
ପାପ କ୍ଷମା କରିବେ ।



ସ୍ତିଫାନଙ୍କ ମୃତ୍ୟୁ ସହିତ ମଣ୍ଡଳୀ ପ୍ରତି ଅତିଶୟ ତାଡ଼ନା ଘଟିଲା । ଏକ ଶାଉଲ ନାମର ଯୁବକ ସ୍ତିଫାମଙ୍କ ହତ୍ୟାକାରୀ ମାନଙ୍କୁ ସହାଯ୍ୟ କଲେ, ସେମାନେ ଘରେ ଘରେ ପଶି ସମସ୍ତ ବିଶ୍ୱାସି ମାନଙ୍କୁ ଟାଣିଆଣିଲେ । ଅନେକେ ସେମାନଙ୍କ ଗୃହରୁ ପଳାୟନ କଲେ ଓ ଛିନ୍ନ ଭିନ୍ନ ହେଲେ ସମରିଆ ଓ ଯିହୁଦା ପ୍ରଦେଶକୁ ପଳାୟନ କଲେ । କେବଳ ପ୍ରେରିତମାନେ ଯିରୁଶାଲମରେ ରହିଲେ ।



ସେମାନଙ୍କ ଶତ୍ରୁମାନେ ସେମାନଙ୍କୁ ବଧ କରିବାକୁ ଚେଷ୍ଟା କଲେ ସୁଧା, ଯେଉଁମାନେ ଛିନ୍ନ ଭିନ୍ନ ହୋଇଥିଲେ ସେମାନେ ଚତୁର୍ଦିଗରେ ଭ୍ରମଣ କରୁ କରୁ ଯୀଶୁଙ୍କ ବିଷୟରେ ପ୍ରଚାର କଲେ । ପବିତ୍ର ଆତ୍ମାଙ୍କ ଚାଳନା ହେତୁ କେହିମଧ୍ୟ ସେମାନଙ୍କୁ
ବାଧା ଦେଇ ପାରିଲେ ନାହିଁ ।



ମଣ୍ଡଳିରେ ପ୍ରଳୟ ଉପସ୍ଥିତ ହେଲା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରେରିତ ୫-୭

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬